# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th March - 2025

**********************************

## ମୁଖ୍ୟ ସମ୍ବାଦ

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨୯ହଜାର ୧୯୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ଦାବି ପ୍ରସ୍ତାବ ଉପରେ ବିଧାନସଭାରେ ଆଲୋଚନା ଜାରି ।

- ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ମାସ ଶେଷସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରାଯିବ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଭୁବନେଶ୍ୱର ଓ ଗୋଆ ମଧ୍ୟରେ ଆସନ୍ତାମାସ ପହିଲାରୁ ସିଧାସଳଖ ଆରମ୍ଭ ହେବ ବିମାନ ସେବା ।

ଏବଂ

- ଜୈବି ବିବିଧତାର ଅନନ୍ୟ ସୃଷ୍ଟି ଘରଚଟିଆ ପକ୍ଷୀ ର ସଂରକ୍ଷଣ ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ଘରଚଟିଆ ଦିବସ ।

*Desk*

# ବିଧାନସଭା - ଖର୍ଚ୍ଛଦାବୀ

ବିଧାନସଭାର ବଜେଟ୍ ଅଧିବେସନର ନବମ ଦିନରେ ଦ୍ୱିତୀୟାର୍ଦ୍ଧ ଅଧିବେଶନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଆଗାମୀ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ୨୯ ହଜାର ୧୯୯ କୋଟି ୨୦ ଲକ୍ଷ ୯୬ହଜାର ଟଙ୍କାର ଖର୍ଚ୍ଛଦାବି ଉପସ୍ଥାପନ କରିଛନ୍ତି । ଖର୍ଚ୍ଛଦାବୀ ଆଲୋଚନାରେ ସରକାରୀ ଏବଂ ବି.ଜେ.ଡି. ସଦସ୍ୟମାନେ ଭାଗନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି । ଖର୍ଚ୍ଛଦାବୀ ଆଲୋଚନା ଗୃହରେ ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଅନ୍ୟପକ୍ଷରେ ବିରୋଧୀ କଂଗ୍ରେସ ଦଳର ସଦସ୍ୟମାନେ ନାରୀ ସୁରକ୍ଷା ଓ ଆଇନଶୃଙ୍ଖଳା ପ୍ରସଙ୍ଗରେ ଗୃହ କମିଟି ଗଠନ ପାଇଁ ବିକ୍ଷୋଭ କରିଥିଲେ । ପୂର୍ବାହ୍ନରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମୁଲତବୀ ରଖିଥିଲେ। ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ ଓ ଶୂନ୍ୟକାଳ ହୋଇପାରି ନ ଥିଲା। ହେଲେ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିବାବେଳେ କଂଗ୍ରେସ ସଦସ୍ୟମାନେ ଏଥିରେ ଅଂଶଗ୍ରହଣ ନ କରି କକ୍ଷତ୍ୟାଗ କରିଥିଲେ।

*Desk*

## ମାଓମୁକ୍ତ ଭାରତ

ଆତ୍ମସମର୍ପଣ କରୁ ନ ଥିବା ମାଓବାଦୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ୨୦୨୬ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପୂର୍ବରୁ ଦେଶକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରିବାକୁ ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଛତିଶଗଡ଼ର ବିଜାପୁର ଓ କାଙ୍କେର ଅଞ୍ଚଳରେ ଆଜି ଦୁଇଟି ପୃଥକ୍ ମାଓ ଦମନ ଅଭିଯାନରେ ୨୨ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଯବାନ ସହିଦ ହୋଇଛନ୍ତି । ଘଟଣାସ୍ଥଳରୁ ବହୁ ପରିମାଣର ମାଓସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି ।

*Desk*

## ରାଜ୍ୟପାଳ - ଶିକ୍ଷାନବୀଶ

ଟିକସ ଓ ରାଜସ୍ୱ ହେଉଛି ସରକାରୀ ପାଣ୍ଠିର ମେରୁଦଣ୍ଡ ଏବଂ ବିଭାଗୀୟ ଅଧିକାରୀମାନେ ରାଜ୍ୟପାଇଁ ପାଣ୍ଠି ସଂଗ୍ରହ ଓ ଜନକଲ୍ୟାଣପାଇଁ ସମ୍ବଳ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି ବୋଲି

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ମଧୁସୂଦନ ଦାସ ଆଞ୍ଚଳିକ ଆର୍ଥିକ ପରିଚାଳନା ଅନୁଷ୍ଠାନର ଶିକ୍ଷାନବୀଶମାନଙ୍କୁ ରାଜଭବନରେ ସାକ୍ଷାତ୍ କରିବା ଅବସରରେ ଡକ୍ଟର କମ୍ଭମ୍ପାଟି କହିଛନ୍ତି, ଯୁବ ଅଧିକାରୀମାନେ ସେମାନଙ୍କର ଦାୟିତ୍ୱକୁ ସ୍ୱଚ୍ଛତା ଓ ଉତ୍ତରଦାୟିତା ସୁନିଶ୍ଚିତ କରିବାପାଇଁ ରାଜ୍ୟପାଳ କହିଛନ୍ତି ।

*Desk*

## ବିମାନସେବା

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଆସନ୍ତାମାସ ପହିଲାରୁ ଗୋଆକୁ ସିଧାସଳଖ ବିମାନ ଉଡ଼ାଣ କରିବ । ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଏହି ଦୁଇ ସହର ମଧ୍ୟରେ ସପ୍ତାହକୁ ୪ ଦିନ ଯାତାୟତ କରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନସେବା ଉପଲବ୍ଧତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ସରକାର ବିକଶିତ ଓଡ଼ିଶାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବିମାନସେବା ଯୋଗାଇ ଦେବାପାଇଁ ପଦକ୍ଷେପ ନେଉଛନ୍ତି ।

*HS*

# ବି.ଏଡ୍. ନାମଲେଖା

୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଦୁଇ ବର୍ଷିଆ ବି.ଏଡ଼., ଏମ.ଏଡ଼, ବି.ଏଚ.ଏଡ଼୍. ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ସୋମବାରଠାରୁ ଅନ୍‌ଲାଇନ୍ ଜରିଆରେ ଆବେଦନ କରିପାରିବେ । ପାଠ୍ୟକ୍ରମରେ ନାମଲେଖାପାଇଁ ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ୍ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ଘରଚଟିଆ ଦିବସ

ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ ପକ୍ଷୀ । ପୃଥିବୀରେ ପ୍ରାୟ ୪୩ ପ୍ରକାରର ଘରଚଟିଆ ଅଛନ୍ତି। ଧୂସର ରଙ୍ଗର ଏହି ପକ୍ଷୀର ଓଜନ ପ୍ରାୟ ୨୫ରୁ ୩୦ ଗ୍ରାମ ଏବଂ ଲମ୍ବ ପ୍ରାୟ ୧୨ରୁ ୧୪ ସେଣ୍ଟିମିଟର। ପ୍ରକୃତିର ଦୂତ ସାଜିଥିବା ଏହି ପକ୍ଷୀ ପରିବେଶ ସନ୍ତୁଳନ ରହିଛି ବୋଲି ଖୁସିରେ ଶବ୍ଦ କରି ଡେଇଁ ଡେଇଁ ବୁଲିବା ସୂଚାଇ ଦେଇଥାଏ। ସନ୍ତୁଳନ ହରାଉଥିବା ପରିବେଶ, ଜଙ୍ଗଲ ହ୍ରାସ, ରାସାୟନିକ ସାରର ବ୍ୟବହାର ସହିତ ଅନେକ କାରଣ ଯୋଗୁଁ ଘରଚଟିଆ ପକ୍ଷୀଙ୍କ ସଂଖ୍ୟା ହ୍ରାସ

ପାଉଛି ଏବଂ ସେମାନଙ୍କର ବଂଶ ପ୍ରାୟ ଲୋପ ପାଇଲାଣି । ଘରଚଟିଆ ପକ୍ଷୀଙ୍କ ବଂଶରକ୍ଷା ଏବଂ ପରିବେଶକୁ ସନ୍ତୁଳନ କରିବା ପାଇଁ ଆଜିର ଦିନକୁ ବିଶ୍ୱ ଘରଚଟିଆ ଦିବସ ଭାବେ ପାଳନ କରାଯାଉଛି । ଦିଲ୍ଲୀ ସରକାର ୨୦୧୨ ମସିହାରେ ଘରଚଟିଆ ପକ୍ଷୀଙ୍କୁ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି । ୨୦୧୦ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି।

***Voice :...........***

***Desk***

# ୱେଭ୍‌ସ - କର୍ମଶାଳା

ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ- ୱେଭ୍‌ସ'ର ଏକ କର୍ମଶାଳା ଆଜି ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ହୋଇଯାଇଛି । କର୍ମଶାଳାରେ କେନ୍ଦ୍ର ଦକ୍ଷତା ବିକାଶ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଉଦ୍ୟୋଗୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଆର୍ଥିକ ବୃଦ୍ଧି ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ୍ ଦକ୍ଷତା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।

ୱେଭ୍‌ସ୍ ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହାକି, ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରକୁ ଏକାଠି କରି ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଏକ ସମ୍ମିଳନୀର ଆୟୋଜନ କରାଯିବ।

*Nayagarh/R*

# ରାଷ୍ଟ୍ରପତି - ପ୍ରସ୍ତୁତି ବୈଠକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୪ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଗସ୍ତର ପ୍ରଥମ ଦିନରେ ଶ୍ରୀମତୀ ମୁର୍ମୁ ଶ୍ରୀଜଗନ୍ନାଥଙ୍କ ଆଦିପୀଠ କଣ୍ଟିଲୋ ନୀଳମାଧବଙ୍କ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମୀକ୍ଷା ବୈଠକରେ ସୁରକ୍ଷା ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ବ୍ୟବସ୍ଥାର ସମୀକ୍ଷା କରାଯାଇଛି ।

*Ganjam/R*

# ନିର୍ଭୁଲ ଭୋଟର ତାଲିକା

ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ନିର୍ଭୁଲ୍ ଭୋଟର୍ ତାଲିକା ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବୁଥ୍‌ପାଇଁ ଜଣେ ବୁଥ୍‌ସ୍ତରୀୟ ପ୍ରତିନିଧିଙ୍କ ନାମ ଦେବାକୁ ଜିଲ୍ଲାପାଳ ରାଜନୈତିକ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି ।

ପ୍ରସ୍ତୁତିରେ ସ୍ୱଚ୍ଛତା ଅବଲମ୍ବନ ସହ ମାର୍ଗଦର୍ଶିକା ଅନୁସରଣ କରି ତାଲିକା ପ୍ରସ୍ତୁତ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

***Deogarh/R***

## ବ୍ୟାଙ୍କର୍ସ ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତ୍ରୈମାସିକ ବ୍ୟାଙ୍କର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ମିଶନ ଶକ୍ତି ଜରିଆରେ ଲୋକଙ୍କୁ ଛତୁଚାଷ, ମାଛଚାଷ, ବିଶ୍ୱକର୍ମା ଓ ପ୍ରଧାନମନ୍ତ୍ରୀ ପେନ୍‌ସନ ଯୋଜନାରେ ଋଣ ଯୋଗାଇ ଦେବାପାଇଁ ଜିଲ୍ଲାପାଳ ବ୍ୟାଙ୍କ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଗାମୀ ଆର୍ଥିକ ବର୍ଷ ନିମନ୍ତେ ଜିଲ୍ଲାପାଇଁ ପ୍ରସ୍ତୁତ ସମ୍ଭାବ୍ୟ ଯୁକ୍ତଋଣ ଯୋଜନାର ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ଶାଖାର ଅଗ୍ରଣୀ ଜିଲ୍ଲା ଅଧିକାରୀ ସନ୍ତୋଷ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବ୍ୟାଙ୍କ୍ ଅଧିକାରୀମାନେ ଉପସ୍ଥିତ ଥିଲେ ।

*Puri, Bhadrak/R*

## କନ୍ୟାସନ୍ତାନ ସୁରକ୍ଷା ଶୋଭାଯାତ୍ରା

କନ୍ୟାସନ୍ତାନ ସୁରକ୍ଷାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ପୁରୀଠାରେ କନ୍ୟାସନ୍ତାନ ସୁରକ୍ଷା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସଚେତନତା ମାଧ୍ୟମରେ କନ୍ୟାସନ୍ତାନମାନଙ୍କ ସୁରକ୍ଷା ଦିଆଯାଇପାରିବ ବୋଲି ମତପ୍ରକାଶ ପାଇଛି ।

ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ ଜିଲ୍ଲାପାଳ ଦିଲୀପ ରାଉତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରଥ ସହର ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ କନ୍ୟାସନ୍ତାନ ସୁରକ୍ଷାପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

*Nayagarh/R*

## ଶ୍ରୀରାମ ନବମୀ - ପ୍ରସ୍ତୁତି

ନୟାଗଡ଼ ଜିଲ୍ଲା ଓଡ଼ଗାଁଠାରେ ଶ୍ରୀରଘୁନାଥଜିଉଙ୍କ ରାମନବମୀ ଯାତ୍ରା ତଥା ନବଦିନ ସନ୍ଧ୍ୟାବେଶ ଓଡ଼ଗାଁ ବ୍ଲକ୍ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

ବୈଠକରେ ସୁଆର, ପୂଜକ ଓ ବଭିନ୍ନ ସାହିର ବୁଦ୍ଧିଜୀବୀଙ୍କ ସହ ଯାତ୍ରା ପ୍ରସ୍ତୁତି ଏବଂ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସୂଚନାଯୋଗ୍ୟ, ଆସନ୍ତା ମାସ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀରାମଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବ ।

*Met. O.*

## ପାଣିପାଗ

ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକ ସମେତ ରାଜ୍ୟର ପ୍ରାୟ ଅନେକ ସ୍ଥାନରେ ଗତ ଏକ ସପ୍ତାହ ଧରି ତାପମାତ୍ରା କ୍ରମାଗତ ବୃଦ୍ଧି ପାଇବା ପରେ ଆଜି ଦ୍ୱିତୀୟ ଦିନରେ ମଧ୍ୟ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ବୌଦ୍ଧ, ଟିଟିଲାଗଡ଼କୁ ବାଦ୍ ଦେଲେ ରାଜ୍ୟର ଅନ୍ୟସବୁ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀରୁ କମ୍ ଥିଲା । ଆଜି ଦିନର ସର୍ବାଧିକ ତାପମାତ୍ରା ଟିଟିଲାଗଡ଼ରେ ୪୦ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ କାଳବୈଶାଖୀର ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସହିତ ଝଡ଼ତୋଫାନ ହେବା ନେଇ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****